# Akashvani, Sambalpur

# SAMBALPURI NEWS BULLETIN

## 13 March 2025- 6.47- 6.52 am.

*****************************************

ଆୟୁଷ୍ମାନ୍ ଭାରତ   ସିଏମ୍ଓ

ରାଜ୍ୟ ସର୍କାର୍ ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ ଆୟୁଷ୍ମାନ୍ ଭାରତ୍ - ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆର୍ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍‌ନା ଲାଗୁ କର୍‌ବାର୍‌କେ ଯାଉଛନ୍ । ଇତାର୍ ସହେତେ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାର୍ ଶୁଭାରମ୍ଭ ଭିଲ୍ ସେହିଦିନ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ସ୍ୱାସ୍ଥ୍ୟ ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ଇ ବାବଦ୍ ନିଷ୍ପତି ନିଆଯାଇଛେ । ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ଲାଗି ରାଜ୍ୟର୍ ସବୁ ୧ ହଜାର୍ ୪ ଶହ ୩୮ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଯୋଜ୍‌ନା ଲାଗୁ ହେଲେ ରାଜ୍ୟର୍ ୧ କୋଟି ୩ ଲାଖ୍ ନୁ ଅଏତ୍‌କା ପରିବାର୍ ଲାଭ୍ ପାଏବେ । ବ୍ୟକ୍ତିଗତ୍ ଭାବେ ୩ କୋଟି ୪୬

ଲାଖ୍ ନୁ ଅଏତ୍କା ଲୋକ୍ ଉପକୃତ୍ ହେବେ । ଗୋପବନ୍ଧୁ ଜନଆରୋଗ୍ୟ ଆଉ ଆୟୁଷ୍ମାନ୍ ଭାରତ୍ ଯୋଜ୍ନା ମିଶିକରି ଲାଗୁ କର୍ବାର୍କେ ଯାଉଥିବାର୍ନୁ ଦୁହି ଯୋଜ୍ନାର୍ ଲାଗି ହିତାଧିକାରୀମାନ୍କୁ ଗୁଟେ ସ୍ୱାସ୍ଥ୍ୟ କାର୍ଡ଼ ଦିଆଯିବା ବଲି ବୈଠକ୍ଥି ସୂଚ୍ନା ଦିଆଯାଇଛେ । ସେନ୍ତା ୭୦ ବଛର୍ନୁ ଅଏତ୍କା ବୟସର୍ ଲୋକ୍ମାନ୍କୁ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍ନାଥି ସାମିଲ୍ କରାଯିବା ବଲି ବୈଠକ୍ନୁ ଜନାପଡ଼ିଛେ ।

ପୂର୍ତ ବିଭାଗ୍- ୬ ଥାକିଆ ରାସ୍ତା ଆର୍ଏନ୍ୟୁ/ ସମ୍ୱଲପୁର

ରାଜ୍ୟର୍ ପଶ୍ଚିମ ନୁ ପୂର୍ବ, ଉତର୍ନୁ ଦକ୍ଷିଣକେ ୬ ଥାକିଆ ରାସ୍ତା ତିଆର୍ କର୍ବାର୍କେ ସର୍କାର୍ ପଦକ୍ଷେପ୍ ନେଉଛନ୍ ବଲି ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଗଲାକାଏଲ୍ ବିଧାନ୍ସଭା ନ ପୂର୍ତ ବିଭାଗ୍ର ଖର୍ଚ୍ଚ ଦାବି ଆଲୋଚନା ବେଲ୍କେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ୨୦୩୬ ମସିହାର୍ ନୂଆଁ ରାଜ୍ୟ ଗଠନ୍କେ ସାକାର୍ କର୍ବାର୍କେ ୬ ଥାକିଆ ରାସ୍ତା ତିଆର୍ କରାଯିବା । ୧ ହଜାର୍ ୪ ଶହ ୬୦ କିଲୋମିଟର୍ ରାସ୍ତା ତିଆର୍ କର୍ବାର୍ ଲାଗି ୨୪ ହଜାର୍ ୫ ଶହ କୋଟି ବ୍ୟୟ ଅଟକଳ କରାଯାଇଛେ । ଇଥି ଝାର୍ସୁଗୁଡ଼ା ନୁ ବାଲେଶ୍ୱର୍, କଲାହାଣ୍ଡିନୁ

ଗୋପାଲ୍‌ପୁର୍ ବନ୍ଦର୍, ସମ୍ବଲ୍‌ପୁର୍‌ନୁ ସାତଭାୟା, ନୂଆପଡ଼ାନୁ ଅସ୍ତରଙ୍ଗ ବନ୍ଦର୍‌କେ ୬ ଥାକିଆ ରାସ୍ତା ତିଆର୍ ହେବା ବଲି ମନ୍ତ୍ରୀ କହିଛନ୍ ।

ୱେଭ୍‌ସ୍ ପି.ଆଇ.ବି.

ମେ ୧ ନୁ ୪ ତାରିଖ୍‌ତକ୍ ମୁମ୍ବାଇ ଠାନେ ହେବାର୍‌କେ ଥିବା ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆର୍ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ - ୱେଭ୍‌ସ୍‌କେ ବ୍ୟାପକ୍ କର୍‌ବାର୍‌କେ କେନ୍ଦ୍ର ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇତାର୍ ଆଘୋନୁ ଆଏଜ୍ ନୂଆଦିଲ୍ଲୀ ନ ଶହେ ନୁ ଅଏତ୍‌କା ଦେଶର୍ ରାଷ୍ଟ୍ରଦୂତ ଆର୍ ଉଚ୍ଚାୟୁକ୍ତ ମାନ୍‌କୁ ୱେଭ୍‌ସ୍ ବାବ୍‌ଦେ ଜନାବାର୍ ଲାଗି ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଏସ୍.ଜୟଶଙ୍କର୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ବିଭାଗ୍‌ର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ - ସେମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ । ୱେଭ୍‌ସ୍ ଜରିଏ ଗଣମାଧ୍ୟମ୍ ଆର୍ ମନୋରଞ୍ଜନ୍ କ୍ଷେତ୍ର ନ ଭିନ୍ ଭିନ୍ ଦେଶ୍‌କେ ସମାନ୍ ସୁଯୋଗ୍ ଦେବାର୍ ଲାଗି ଆଝିରର୍ ଆଲୋଚନା ଆୟୋଜନ୍ କରାଯାଉଛେ ।

ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ   ଆର୍ଏନ୍ୟୁ/
ସମ୍ବଲପୁର

ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନ୍କର୍ ଲାଗି ଦେଶର୍ ପହେଲା ବିଶ୍ୱବିଦ୍ୟାଳୟ କଟକ୍ ନ ଥାପ୍ନା କରାଯିବା । ସନ୍ଥକବି ଭୀମଭୋଇଙ୍କର୍ ନାଁଥି ହେବାର୍କେ ଥିବା ଇ ବିଶ୍ୱବିଦ୍ୟାଳୟ ଲାଗି ୪୦ ଏକଡ଼୍ ଜମି ର ବ୍ୟବସ୍ଥା କର୍ବାର୍କେ କଟକ୍ ଜିଲ୍ଲାପାଳ୍ଙ୍କୁ ରାଜ୍ୟ ସର୍କାର୍ ନିର୍ଦ୍ଦେଶ୍ ଦେଇଛନ୍ । ଇ ବିଶ୍ୱବିଦ୍ୟାଳୟ ଜାପାନ୍ର ସୁକୁବା ବିଶ୍ୱବିଦ୍ୟାଳୟ ଢାଂଚାଥି ତିଆର୍ କର୍ବାର୍କେ ଯୋଜ୍ନା ରହିଛେ । ଜମି ଅଧିଗ୍ରହଣ୍ ହେଲା ଉତ୍ରୁ କାମ୍ ମୁଲ୍ ହେବା ବଲି ଜନାପଡ଼ିଛେ ।

ହୋଲି ସ୍ପେଶାଲ୍ ଟ୍ରେନ୍            ପି.ଆଇ.ବି.

ହୋଲି ବେଲ୍କେ ଭିଡ଼୍କେ ନଜର୍ଥି ରଖିକରି ପୂର୍ବତଟ ରେଲ୍ପଥ୍ ତରଫୁଁ ବହୁତ୍ଟେ ଖାସ୍ ଟ୍ରେନ୍ ବ୍ୟବସ୍ଥା କରାଯାଇଛେ । ଇ ଅବ୍ସରେ ବିଶାଖାପାଟ୍ନା-ପାଟ୍ନା ଟ୍ରେନ୍ ରାୟଗଡ଼ା-

ଟିଟିଲାଗଡ଼୍-ସମ୍ବଲପୁର-ରାଉର୍‌କେଲା ଦେଇକରି ଚାଲ୍‌ବା । ସେନ୍ତା ଭୁବ୍‌ନେଶ୍ୱର୍-ଚେର୍ଲାପାଲି, ପୁରୀ-କୋଲ୍‌କାତା ସହେତେ ବହୁତ୍‌ଟେ ଖାସ୍ ଟ୍ରେନ୍ ରେଲ୍‌ପଥର୍ ଭିନ୍ ଭିନ୍ ଇଲାକାନୁ ଚାଲ୍‌ବା ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ କିଡ଼୍‌ନୀ ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କିଡ଼୍‌ନୀ ରୋଗ୍ ବାବ୍‌ଦେ ସାରା ପୁର୍‌ଥି ନ ସଚେତନ୍ କର୍‌ବାର୍ ଲାଗି ଅନ୍ତର୍ଜାତୀୟ ସୋସାଇଟି ଅଫ୍ ନେଫ୍ରୋଲୋଜି ଆର୍ ଆଇଏଫ୍‌କେଏଫ୍ - ଡବ୍ଲୁ.କେ.ଏ. ର ମିଲିତ୍ ଚେରେଷ୍ଟାଥି ଫି’ ବଛର୍ ମାର୍ଚ୍ଚ ମାସର୍ ୨ ନମ୍ବର୍ ଗୁରୁବାର୍ ବିଶ୍ୱ କିଡ଼୍‌ନୀ ଦିବସ୍ ପାଳନ୍ କରାଯାଉଛେ । ରାଜ୍ୟ ନ ଭିଲ୍ କିଡ଼୍‌ନୀ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଇ ଦିବସ୍ ପାଳନ୍ କରାଯାଉଛେ । କିଡ଼୍‌ନୀ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ ‘ଆପଣ୍‌ମାନ୍‌କର୍ କିଡ଼୍‌ନୀ ସୁସ୍ଥ ତ ? ବହୁତ୍ ଆଘୋନୁ ରୋଗ୍ ଚିହ୍ନଟ୍ କରୁନ୍ ଆର୍ କିଡ଼୍‌ନୀକେ ସୁସ୍ଥ ରଖୁନ୍’ ।

ଆତ୍ମରକ୍ଷା ତାଲିମ୍ ଶିବିର୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନେସ୍‌ନାଲ୍ କଲେଜ୍ ନ ଛାତ୍ରୀମାନଙ୍କର ଆତ୍ମରକ୍ଷା ତାଲିମ୍ ଶିବିର୍ ଉଦ୍‌ଯାପିତ୍ ହେଇଯାଇଛେ । ମାର୍ଚ୍ଚ ୩ ନୁ ୧୧ ତାରିଖ୍ ତକ୍ ଚାଲିଥିବା ଇ ଶିବିର୍‌ନ ଯୁକ୍ତ ୩ ଛାତ୍ରୀମାନଙ୍କୁ ମାଷ୍ଟର୍‌ଟ୍ରେନର୍ ତାଲିମ୍ ଦେଇଥିଲେ । ସେନ୍ତା କୋମନା ପଂଚାୟତ୍ ସମିତି ସ୍ନାତକ କଲେଜ୍ ନ ୮ ଦିନିଆ ଆତ୍ମରକ୍ଷା ତାଲିମ୍ ଶିବିର୍ ଉଦ୍‌ଯାପିତ୍ ହେଇଯାଇଛେ । ଇଥି ୮୭ ଝନ୍ ଛାତ୍ରୀ ଆତ୍ମରକ୍ଷା ତାଲିମ୍ ନେଇଥିଲେ ।

ନୂଆପଡ଼ା ବାର୍ଷିକ ଉତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବ୍ଲକ୍ କୁଲିଗାଁ ଆଶ୍ରମ ବିଦ୍ୟାଳୟର୍ ବାର୍ଷିକ ଉଛବ୍ ପାଳିତ୍ ହେଇଯାଇଛେ । ବ୍ଲକ୍ ସାମାଜିକ୍ ସୁରକ୍ଷା ଅଧିକାରୀ ମୁଖିଆ କୁନୁଆ ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀଙ୍କୁ କଠିନ୍ ପରିଶ୍ରମ୍ କରି କରି ଆଗ୍‌କେ ବଢ଼ବାର୍‌କେ ପରାମର୍ଶ ଦେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ୍ କରାଯାଇଥିଲା । ଶେଷେ ସାଂସ୍କୃତିକ୍ କାର୍ଯ୍ୟକ୍ରମ ହେଇଥିଲା ।

ସେନ୍ତା କୋମନା ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୍ ବାର୍ଷିକ୍ ଉଛବ୍ ହେଇଯାଇଛେ । ଅତିଥିମାନେ ଛାତ୍ରଛାତ୍ରୀଙ୍କର୍ ମାର୍ଗଦର୍ଶନ୍ କର୍ବାର୍ ସହେତେ ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ୍ କରିଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ଆଏଜ୍ଠାନୁ ୧୬ ତାରିଖ୍ତକ୍ ଦିନର୍ ଆଉ ରାତିର୍ ତାପମାତ୍ରା ସ୍ୱାଭାବିକ୍ ଠାନୁ ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ପଶ୍ଚିମ ଆଉ କେନ୍ଦ୍ରୀୟ ଓଡ଼ିଶା ନ ତାପମାତ୍ରା ୪୦ ଡିଗ୍ରୀନୁ ଅଏତ୍କା ରହେବା । ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର୍ ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ପାଣିପାଗ୍ କେନ୍ଦ୍ର କହିଛେ । ଇତାକେ ନଜର୍ଥି ରଖିକରି ଇ ଜିଲ୍ଲାମାନ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର୍ କାର୍ଯ୍ୟାଳୟ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।